ଧରିତ୍ରୀ - ୩୧.୭.୧୪



# ଓଡ଼ିଶା ରାଜ୍ୟ ଅର୍ଥ ନିଗମର ବାର୍ଷିକ ଅଧିବେଶନ

କଟକ ବ୍ୟୁରୋ: ଓଡ଼ିଶା ରାଜ୍ୟ ଅର୍ଥ ନିଗମର ୫୭ତମ ବାର୍ଷିକ ସାଧାରଣ ଅଧିବେଶନ ବୁଧବାର ଓଏମ୍‌ପି ଛକସ୍ଥିତ ନିଗମ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନିଗମର ଅଧ୍ୟକ୍ଷ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଶାସନ ସଚିବ ପଞ୍ଚାନନ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ନିଗମ ୨୦୧୩-୧୪ ଆର୍ଥିକ ବର୍ଷରେ ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ୫୧ ଲକ୍ଷ ଟଙ୍କା ଲାଭ କରିଥିବା ଜଣାଯାଇଥିଲା । ସେହିବର୍ଷର ଆୟବ୍ୟୟ ସଂକ୍ରାନ୍ତ ବିବରଣୀ ଉପସ୍ଥିତ ଅଂଶୀଦାର ଓ ନିର୍ଦ୍ଦେଶକ ମଣ୍ଡଳୀଙ୍କ ଉପସ୍ଥିତିରେ ଗୃହୀତ ହୋଇଥିଲା । ନିଗମର ଦୀର୍ଘବର୍ଷର ଯୋଗଦାନକୁ ବିଚାରକୁ ନେଇ ଏହି ପୁରାତନ ବିତ୍ତୀୟ ଅନୁଷ୍ଠାନକୁ ପୁନଃକ୍ଷମ କରିବା ଉଦ୍ଦେଶ୍ୟରେ ଜାତୀୟ ଉତ୍ପାଦିକା ପରିଷଦକୁ ଏକ ସମୀକ୍ଷା ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ ରାଜ୍ୟ ସରକାର ଦାୟିତ୍ୱ ଅର୍ପଣ କରିଛନ୍ତି । ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କଲା ପରେ ସହାୟତା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦିଆଯିବ ବୋଲି ନିଗମର ଅଧ୍ୟକ୍ଷ କହିଛନ୍ତି । ନିଗମର ପରିଚାଳନା ନିର୍ଦ୍ଦେଶକ ନିତ୍ୟାନନ୍ଦ ପଣ୍ଡା ଏବଂ ଅନ୍ୟ ନିର୍ଦ୍ଦେଶକମାନେ ଆଲୋଚନାରେ ଅଂଶଗ୍ରହଣ କରି ଅଂଶୀଦାରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ।

ସମ୍ବାଦ
31.07.2014

# ରାଜ୍ୟ ଅର୍ଥ ନିଗମର ୫୧ ଲକ୍ଷ ଟଙ୍କା ଲାଭ

କଟକ,୩୦।୭(ସ.ପ୍ର)- ବହୁ ପ୍ରତିବନ୍ଧକ ସତ୍ତ୍ୱେ ଓଡ଼ିଶା ରାଜ୍ୟ ଅର୍ଥ ନିଗମ ୨୦୧୩-୧୪ ଆର୍ଥିକବର୍ଷରେ ୫୧ଲକ୍ଷ ଟଙ୍କା ଲାଭ କରିପାରିଛି। ଋଣ ଆଦାୟର ବିଭିନ୍ନ ସମସ୍ୟା ଏବଂ ଆବଶ୍ୟକୀୟ ପୁଞ୍ଜି ଅଭାବରୁ ଆଶାନୁରୂପ ଭାବରେ ଋଣ ପ୍ରଦାନ କରି ପାରୁନଥିବା ନିଗମ କ୍ରମାଗତ ଭାବେ ଦୀର୍ଘ ୯ବର୍ଷ ଧରି ଲାଭ ଦର୍ଶାଇବା ଅନ୍ୟ ଏକ ସଫଳତା। ଓଏମପି ଛକସ୍ଥିତ ନିଗମର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ୫୭ତମ ବାର୍ଷିକ ଅଧିବେଶନରେ ନିଗମର ଅଧକ୍ଷ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଶାସନ ସଚିବ ପଞ୍ଚାନନ ଦାସ ଏହି ସୂଚନା ଦେଇଛନ୍ତି।

ଋଣ ଆଦାୟରେ ନିଗମ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଛି। ଋଣ ଗ୍ରହୀତାଙ୍କ ଅକ୍ଷମତା, ଅନାଗ୍ରହ ଏବଂ ଶିଳ୍ପାନୁଷ୍ଠାନର ଦେବାଳିଆ ସ୍ଥିତି ଯୋଗୁଁ ଋଣ ଆଦାୟରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଅଦାଲତରେ ପଡିରହିଥିବା ବିଭିନ୍ନ ମାମଲା ଗୁଡିକର ଫଇସଲାରେ ବିଳମ୍ବଜନିତ କାରଣରୁ ନିଗମ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ନିଗମ ପରିଚାଳନା ନିର୍ଦେଶକ ନିତ୍ୟାନନ୍ଦ ପଲାଇ ଆଲୋଚନା ଅଂଶଗ୍ରହଣ କରି ଅଂଶିଦାରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବରିଷ୍ଠ ଅଂଶିଦାର ହରେକୃଷ୍ଣ ସାମଲ ଓ ପ୍ରଫୁଲ୍ଲକୁମାର ସ୍ୱାଇଁ ନିଗମକୁ ସକ୍ରିୟ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଶାସନ ସଚିବଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ।

ସମ୍ବାଦ - ୩୧.୭.୧୪

# ରାଜ୍ୟ ଅର୍ଥ ନିଗମର ବାର୍ଷିକ ଅଧିବେଶନ

କଟକ,୩୦।୭(ଇନିସ): ଓଡ଼ିଶା ରାଜ୍ୟ ଅର୍ଥ ନିଗମ (ଓଏସ୍ଏଫ୍‌ସି)ର ୫୭ତମ ବାର୍ଷିକ ସାଧାରଣ ଅଧିବେଶନ ଓଏମ୍‌ପିସ୍ଥିତ ନିଗମର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଗମର ଅଧ୍ୟକ୍ଷ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଶାସନ ସଚିବ ପଞ୍ଚାନନ ଦାଶ ଯୋଗ ଦେଇ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ନିଗମ ୨୦୧୩-୧୪ ଆର୍ଥିକ ବର୍ଷରେ ୫୧ଲକ୍ଷ ଟଙ୍କା ଲାଭ କରିଛି ବୋଲି ବିବରଣୀରେ ଦର୍ଶାଯାଇଛି। ଋଣ ଆଦାୟରେ ବିଭିନ୍ନ ସମସ୍ୟା ଓ ଆବଶ୍ୟକ ପୁଞ୍ଜି ଅଭାବରୁ ଋଣ ପ୍ରଦ ପ୍ରଦାନ କରାଯାଇପାରୁନଥିବା ସତ୍ତ୍ୱେ କ୍ରମାଗତ ୯ମ ବର୍ଷ ପାଇଁ ନିଗମ ଲାଭ ଅର୍ଜନ କରିବାରେ ସକ୍ଷମ ହୋଇଥିବାରୁ ବୈଠକରେ ଆନନ୍ଦ ପ୍ରକାଶ ପାଇଥିଲା। ବୈଠକରେ ନିଗମର ବିଭିନ୍ନ ସମସ୍ୟା ଓ ସ୍ଥିତି ସଂପର୍କରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ନିଗମର ସମସ୍ତ ଋଣ ଖାତା ପ୍ରାୟ ଅଚଳନ୍ତି ପୁଞ୍ଜି ଭାବେ ବିବେଚନା କରାଯାଉଥିବାରୁ ଋଣ ଆଦାୟ କରିବାରେ ନିଗମ ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରୁଛି। ସେହିପରି ଓଟିଏସ୍ ଯୋଜନା ବିଶେଷ ଲାଭବାନ ହୋଇପାରୁନଥିବା ବେଳେ ବିଭିନ୍ନ ମାମଲା ଋଣ ଆଦାୟରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ରାଜ୍ୟ ଅର୍ଥ ନିଗମକୁ ପୁନଃକ୍ଷମ କରିବା ପାଇଁ ଜାତୀୟ ଉତ୍ପାଦିକା ପରିଷଦକୁ ସମୀକ୍ଷା ରିପୋର୍ଟ ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ରିପୋର୍ଟ ଅନୁଧ୍ୟାନ କରିବା ପରେ ରାଜ୍ୟ ସରକାରଙ୍କୁ ସହାୟତା ପାଇଁ ନିର୍ଦ୍ଦିଷ୍ଟ ଭାବେ ପ୍ରସ୍ତାବ ଦିଆଯିବ ବୋଲି ଅଧ୍ୟକ୍ଷ ଶ୍ରୀ ଦାସ ପ୍ରକାଶ କରିଥିଲେ। ନିଗମର ନିର୍ଦ୍ଦେଶକ ନିତ୍ୟାନନ୍ଦ ପଲାଇ ଓ ଅନ୍ୟ ନିର୍ଦ୍ଦେଶକମାନେ ବୈଠକରେ ଯୋଗ ଦେଇ ଅଂଶୀଦାରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବରିଷ୍ଠ ଅଂଶୀଦାର ହରେକୃଷ୍ଣ ସାମଲ ଓ ପ୍ରଫୁଲ୍ଲ କୁମାର ସ୍ୱାଇଁ ନିଗମକୁ ସକ୍ରିୟ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ।

23518434 | 105136 | 7/31/2014

# ବିଚାରାଧୀନ ମାମଲା ଫଇସଲା ହେଉନି

ପ୍ରମେୟ
୩୧-୭-୧୪

କଟକ,୩୦।୭(ବ୍ୟୁରୋ): ଓଡିଶା ରାଜ୍ୟ ଅର୍ଥ ନିଗମ(ଓଏସ୍ଏଫ୍ସି) ୨୦୧୩-୧୪ ଆର୍ଥିକ ବର୍ଷରେ ୫୧ ଲକ୍ଷ ଟଙ୍କା ଲାଭ କରିଥିବା ଜଣାଯାଇଛି। ଋଣ ଆଦାୟରେ ବିଭିନ୍ନ ସମସ୍ୟା ଓ ଆବଶ୍ୟକୀୟ ପୁଞ୍ଜି ଅଭାବରୁ ଆଶାନୁରୂପ ଭାବେ ଋଣ ପ୍ରଦାନ କରିପାରିନଥିବା ନିଗମ କ୍ରମାଗତ ଭାବେ ଦୀର୍ଘ ୯ବର୍ଷ ଧରି ଲାଭ ଦର୍ଶାଇବା ଏହାର ଆଉ ଏକ ସଫଳତା। ଆଜି ଓଏମପି ଛକ ନିକଟସ୍ଥ ନିଗମ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ୫୭ତମ ବାର୍ଷିକ ସାଧାରଣ ଅଧିବେଶନରେ ନିଗମ ଅଧ୍ୟକ୍ଷ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବ ପଞ୍ଚାନନ ଦାଶଙ୍କ ଦ୍ୱାରା ବାର୍ଷିକ ବିବରଣୀରେ ନିଗମ ଲାଭ କରିଥିବା ଦର୍ଶାଯାଇଥିଲା। ୨୦୧୩-୧୪ ଆର୍ଥିକ ବର୍ଷ ପାଇଁ ଆୟବ୍ୟୟର ବିବରଣୀ ଅଧିବେଶନରେ ଉପସ୍ଥିତ ଅଂଶୀଦାର ଓ ନିର୍ଦ୍ଦେଶକମଣ୍ଡଳୀଙ୍କ ଉପସ୍ଥିତିରେ ଗୃହୀତ ହୋଇଥିଲା।

**ସମସ୍ୟାରେ ଓଏସ୍ଏଫ୍ସି**

ନିଗମର ଋଣ ଖାତା ପ୍ରାୟଃ ଅଚଳନ୍ତି ପୁଞ୍ଜି ଭାବେ ବିବେଚନା କରାଯାଇଥିବାରୁ ଋଣ ଆଦାୟରେ ନିଗମ ଅନେକ ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହେଉଛି।ପୁନଶ୍ଚ ବିଭିନ୍ନ ସମୟରେ ଏକକାଳୀନ ଋଣ ପରିଶୋଧ ଯୋଜନା କାର୍ଯ୍ୟକାରୀ ହେଉଥିଲେ ବି ସେଥିରୁ ଯଥେଷ୍ଟ ସୁଫଳ ମିଳୁନାହିଁ। ଋଣ ଗ୍ରହୀତାଙ୍କ ଅକ୍ଷମତା ଓ ଶିଳ୍ପାନୁଷ୍ଠାନର ବିଭିନ୍ନ କାରଣରୁ ରୁଗ୍ଣ ନିଗମକୁ ଋଣ ଆଦାୟରେ ପ୍ରତିବନ୍ଧକ ସୃଷ୍ଟି କରୁଛି।ପୁନଶ୍ଚ କୋର୍ଟ କଚେରୀରେ ବିଚାରଧୀନ ବିଭିନ୍ନ ମାମଲା ଗୁଡିକର ଫଇସଲାରେ ବିଳମ୍ବ କାରଣରୁ ନିଗମ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛି। ତଥାପି ନିଗମ ପୁନଃ ପୁଞ୍ଜି ଲଗାଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି। ଆବଶ୍ୟକୀୟ ଚଳନ୍ତି ପୁଞ୍ଜି ସଂଗ୍ରହ ପାଇଁ ନିଗମ ଚେଷ୍ଟା ଜାରି ରଖିବା ସହ ସରକାରଙ୍କ ସହାୟତା ଲୋଡିଛି। ଇତିମଧ୍ୟରେ ନିଗମ କର୍ମଚାରୀ ସଂଖ୍ୟା ହ୍ରାସ ପାଇ ୨୦୦ରେ ପହଞ୍ଚିଛି ଓ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ହ୍ରାସ ପାଇବ। ତେବେ ନିଗମକୁ ପୁନଃକାର୍ଯ୍ୟକ୍ଷମ କରିବା ପାଇଁ ଜାତୀୟ ଉତ୍ପାଦିକା ପରିଷଦକୁ ଏକ ସମୀକ୍ଷା ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ଦାୟିତ୍ୱ ପ୍ରଦାନ କରିଛନ୍ତି ଓ ଏହି ରିପୋର୍ଟ ଅନୁଧ୍ୟାନ କଲାପରେ ସରକାରଙ୍କ ସହାୟତା ପାଇଁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦିଆଯିବ ବୋଲି ନିଗମ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।